# ପ୍ରାପ୍ତପତ୍ର

(ମତାମତ ପାଇଁ ସମ୍ପାଦକ ଦାୟୀ ନୁହଁନ୍ତି)

# ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ଏକାନ୍ତ ଜରୁରୀ

ଓଡ଼ିଶା ୧୯୩୬ ମସିହାରେ ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା । ଶିକ୍ଷା କ୍ଷେତ୍ରରେ ଏହା ଅନଗ୍ରସର ଥିଲା । କ୍ରମେ ଶିକ୍ଷାର ପ୍ରସାର ହେଲା ଏବଂ ୧୯୪୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଥିଲା । ଉକ୍ତ ବିଶ୍ୱବିଦ୍ୟାଳୟଟି ଭାରତର ୧୭ତମ ବିଶ୍ୱବିଦ୍ୟାଳୟ । ଉଚ୍ଚଶିକ୍ଷା କ୍ଷେତ୍ରରେ ଅଗ୍ରସର ହେବା ସହିତ ଓଡ଼ିଶାରେ ବାରଟି ବିଶ୍ୱବିଦ୍ୟାଳୟ ଥିଲେ ମଧ୍ୟ ଭାରତ ସରକାର ବା କୌଣସି ସରକାରୀ ସଂସ୍ଥା ସହାୟତାରେ ଅନ୍ୟ ରାଜ୍ୟ ଭଳି ଉଚ୍ଚତର ଶିକ୍ଷା ବା ଗବେଷଣା କେନ୍ଦ୍ର ନାହିଁ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆଇଆଇଟି, ଆଇଆଇଏମ୍, ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଇତ୍ୟାଦି ଭଳି ଉଚ୍ଚତର ଶିକ୍ଷାନୁଷ୍ଠାନ ଓ ଗବେଷଣା କେନ୍ଦ୍ରଗୁଡ଼ିକ ସ୍ଥାପିତ ହୋଇନାହିଁ । ଏହା କେନ୍ଦ୍ର ସରକାରଙ୍କର ଓଡ଼ିଶା ପ୍ରତି ବୈମାତୃକ ଭାବ ସହିତ ଆମ୍ଭମାନଙ୍କର ଦାବି ଜୋରଦାର ଭାବେ ଉପସ୍ଥାପିତ ହୋଇପାରୁନାହିଁ । ଆଉ ମଧ୍ୟ ରାଜନୈତିକ ଦୃଷ୍ଟିକୋଣରୁ ଆମର ନେତୃସ୍ଥାନୀୟ ବ୍ୟକ୍ତିଗଣ ସମସ୍ତ କଥାକୁ ବିଚାର କରିଥାନ୍ତି । ଏହା ଶୁଭଦାୟକ ନୁହେଁ ।

ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା କରିବା ନିମନ୍ତେ ଜରୁରୀ କାହିଁକି, ଏହାର କାରଣଗୁଡ଼ିକ ଉପସ୍ଥାପନା କରୁଛି । ପ୍ରଥମତଃ ଯେହେତୁ ଓଡ଼ିଶାକୁ କେନ୍ଦ୍ର ସରକାରଙ୍କ ତରଫରୁ କ୍ରମାଗତ ଭାବେ ଅବହେଳା ପ୍ରଦର୍ଶନ କରାଯାଇଛି, ତେଣୁ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ହେବାକୁ ଥିବା ଆଠଗୋଟି ଆଇଆଇଟିରୁ ଓଡ଼ିଶା ଭାଗରେ ଗୋଟିଏ ହେବା ଦାବି ଯଥାର୍ଥ । ଦ୍ୱିତୀୟତଃ ଓଡ଼ିଶା ସବୁ ସମୟରେ ଏକ ପଛୁଆ ରାଜ୍ୟ ଭାବେ ଗଣତି ହୋଇ ଆସୁଅଛି, ଫଳରେ ଆଇଆଇଟିର ପ୍ରତିଷ୍ଠାନ ରାଜ୍ୟର ଅଗ୍ରଗତିର ପ୍ରତୀକ ହୋଇ ଉଭା ହେବ । ତୃତୀୟତଃ ରାଜ୍ୟରେ ସରକାରୀ ଏବଂ ବେସରକାରୀ ସ୍ତରରେ ପ୍ରାୟ ୫୦ଗୋଟି ଇଞ୍ଜିନିୟରିଂ କଲେଜ ଥିବାବେଳେ ଏଗୁଡ଼ିକୁ ଦିଗ୍‌ଦର୍ଶନ ଦେବା ନିମିତ୍ତ ଆଇଆଇଟି ଭଳି ଏକ ପ୍ରତିଷ୍ଠାନର ଆବଶ୍ୟକତା ଜରୁରୀ ଅଟେ । ଚତୁର୍ଥତଃ ଓଡ଼ିଶାର ସହରାଞ୍ଚଳର ଅଭିବୃଦ୍ଧି ନିମନ୍ତେ, ଆମେ ପଡ଼ୋଶୀ ରାଜ୍ୟରେ ଥିବା ଖଡ଼ଗପୁର ଆଇଆଇଟି ପ୍ରତିଷ୍ଠାନରୁ ଯୋଜନା ପ୍ରସ୍ତୁତ ନିମନ୍ତେ ଖର୍ଚ୍ଚାନ୍ତ ହୋଇ ଆଣିବାକୁ ପଡୁଛି । ଓଡ଼ିଶାରେ ଆଇଆଇଟି ଥିଲେ ଆମର ସାମାଜିକ, ଅର୍ଥନୈତିକ, ବୈଷୟିକ ଇତ୍ୟାଦି କ୍ଷେତ୍ରରେ ସୁବିଧା ହୋଇପାରିବ । ପଞ୍ଚମତଃ ଓଡ଼ିଶାର ବିଜ୍ଞାନ ଏବଂ ବୈଷୟିକ ସ୍ତରରେ ଛାତ୍ରଛାତ୍ରୀମାନଙ୍କର ଉଚ୍ଚତର ଶିକ୍ଷା ଓ ଗବେଷଣାରେ ଆଗ୍ରହ, ସୁବିଧା, ଯାତାୟତ, ଭାବନା, ହାବଭାବ ଏବଂ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଓଡ଼ିଶାରେ ଏକ ଆଇଆଇଟି ସ୍ଥାପିତ ହେବା ଶ୍ରେୟସ୍କର । ଷଷ୍ଠତଃ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନିମିତ୍ତ ଏହାର ପ୍ରାକୃତିକ ସମ୍ପଦ ଏବଂ ମୂଲ୍ୟବାନ୍ ଖଣିଜ ପଦାର୍ଥଗୁଡ଼ିକ ସହାୟକ ଅଟେ । ଭବିଷ୍ୟତରେ ଓଡ଼ିଶା ଏକ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଗଣିତ ହେବାକୁ ଯାଉଥିବାବେଳେ ଆଇଆଇଟି ଭଳି ଏକ ବୈଷୟିକ ଅନୁଷ୍ଠାନ ଅତ୍ୟନ୍ତ ଜରୁରୀ । ସପ୍ତମତଃ ଓଡ଼ିଶାରେ ବଡ଼ ଇଞ୍ଜିନିୟରିଂ ଅନୁଷ୍ଠାନ ଥିବା ସହିତ ନୂତନ ଭାବେ ଆଇଆଇଟି ହେଲେ ଆବଶ୍ୟକ ପରିମାଣର ଜମି ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେବା ଲାଗି ଓଡ଼ିଶା ସରକାର ଓ ଜନସାଧାରଣ ଆଇଆଇଟି ପ୍ରତିଷ୍ଠା ନିମିତ୍ତ ସହଯୋଗ କରିବେ । ଆଉ ମଧ୍ୟ ଆଇଆଇଟି ଭଳି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅତ୍ୟନ୍ତ ଉଚ୍ଚମାନର ପ୍ରତିଷ୍ଠାନ ଓଡ଼ିଶାରେ ନଥିବାରୁ ଆମର ବିଜ୍ଞାନ, ବୈଷୟିକ ଶିକ୍ଷା, ଗବେଷଣା ଇତ୍ୟାଦିର ବିଶେଷ ସୁବିଧା ଏବଂ ସୁଯୋଗର ଅଭାବ ରହୁଛି । ଚିରଦିନ ଅବହେଳିତ ପଛୁଆ ରାଜ୍ୟରେ ଆଇଆଇଟି ଏବଂ ଅନ୍ୟାନ୍ୟ ଉଚ୍ଚତର ପ୍ରତିଷ୍ଠାନଗୁଡ଼ିକ ପ୍ରତିଷ୍ଠା ହେଉ । ଓଡ଼ିଶାରେ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଆଇଆଇଟି ପ୍ରତିଷ୍ଠା ନିମିତ୍ତ ଅବଶ୍ୟ ସରକାର ଚେଷ୍ଟ ଚାଲୁରଖିଛନ୍ତି । ତଥାପି ଦାବି ଜୋରଦାର ଭାବେ ଉପସ୍ଥାପନା କରିବା ଏବଂ ଏବର ପାର୍ଲିଆମେଣ୍ଟ ଅଧିବେଶନରେ ଆମର ସାଂସଦମାନେ ଏଥିପ୍ରତି ଦୃଷ୍ଟିଦେବା ଦରକାର । ଆଉ ମଧ୍ୟ ଏଥି ନିମିତ୍ତ ଓଡ଼ିଶା ଆସେମ୍ଲି ଅଧିବେଶନରେ ଆଲୋଚନା ହେବା ଉଚିତ । ଏତଦ୍‌ବ୍ୟତୀତ ଆମର ବୁଦ୍ଧିଜୀବୀ, ଜନସାଧାରଣ, ବରିଷ୍ଠ ନାଗରିକ, ସ୍ୱାଧୀନତା ସଂଗ୍ରାମୀ, ରାଜନୈତିକ ବ୍ୟକ୍ତିଗଣ, ସାମ୍ବାଦିକ, ଛାତ୍ରଛାତ୍ରୀ ବୃନ୍ଦ, ଶିକ୍ଷକ, ଅଧ୍ୟାପକ, ଲେଖକ, ବୈଜ୍ଞାନିକ ଏବଂ ଶିକ୍ଷାବିତ୍‌ମାନେ ସ୍ୱର ଉତ୍ତୋଳନର ସମୟ ଆସିଛି । ଏବେ ଯୁଗ ହୋଇଛି– 'ଶୋଇଲା ପୁଅର ଭାଗ ନାହିଁ ।'

ଜଗନ୍ନାଥ ପ୍ରସାଦ ଦାଶ,
ଅବସରପ୍ରାପ୍ତ ପ୍ରାଧ୍ୟାପକ,
ଡି/୩୪, ମାନ୍‌ସନ ଗ୍ରୀନ୍, ରଘୁନାଥପୁର,
ନନ୍ଦନକାନନ ରୋଡ଼, ଭୁବନେଶ୍ୱର